SAMBAD

ସମ୍ବାଦ

ଶିକ୍ଷା ଓ ଅନୁସନ୍ଧାନ କ୍ରିକେଟ୍ ଟୁର୍ନାମେଣ୍ଟ

# ସ୍କୁଲ୍ ଅଫ୍ ହୋଟେଲ୍ ମ୍ୟାନେଜ୍‌ମେଣ୍ଟ୍ ଚାମ୍ପିଅନ୍



ଭୁବନେଶ୍ୱର,୮।୩(ଇମିସ): ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ କ୍ରିକେଟ୍ ଟୁର୍ନାମେଣ୍ଟ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୬ ତାରିଖରୁ ଆରମ୍ଭ ହୋଇଥିବା ଏହି ଟୁର୍ନାମେଣ୍ଟ୍‌ରେ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ଆଇଏମ୍‌ଏସ୍, ଏସ୍‌ପିଏସ୍, ଆଇଡିଏସ୍, ଏସ୍‌ଏଚ୍‌ଏମ୍, ଆଇଟିଇଆର୍ ଓ ଆଇବିସିଏସ୍ ଆଦି ୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ୍ ମ୍ୟାଚ୍‌ରେ ଆଇଟିଇଆର୍ ଏବଂ ଏସ୍‌ଏଚ୍‌ଏମ୍ ମଧ୍ୟରେ ମୁକାବିଲା ହୋଇଥିଲା। ଏଥିରେ ଏସ୍‌ଏଚ୍‌ଏମ୍ ଦଳ ବିଜୟୀ ହୋଇ ଟ୍ରଫି ଗ୍ରହଣ କରିଥିଲା। ସୌମ୍ୟରଞ୍ଜନ ପ୍ରହରାଜ ମ୍ୟାନ୍ ଅଫ୍ ଦି ମ୍ୟାଚ୍, ସୌମ୍ୟ ରଥ ମ୍ୟାନ୍ ଅଫ୍ ଦି ସିରିଜ୍, ମନୋଜ ସାହୁ ବେଷ୍ଟ ବ୍ୟାଟ୍‌ସମ୍ୟାନ୍ ଏବଂ ସୌମ୍ୟରଞ୍ଜନ ରଥ ବେଷ୍ଟ୍ ବୋଲର୍ ପୁରସ୍କାର ଲାଭ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍‌ର ସଭାପତି ରଞ୍ଜୀବ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଚାମ୍ପିଅନ୍ ଦଳ, ରନର୍ସ ଦଳ ଓ ଅନ୍ୟ ଖେଳାଳିମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଉତ୍ସବରେ ଡ. ମାନସ ମଲ୍ଲିକ, ପ୍ରଫେସର ଜେ ସି ମିଶ୍ର, ପ୍ରଫେସର ପି କେ ସ୍ୱାଇଁ, ପ୍ରଫେସର ଆର୍ କେ ହୋତା, ଅଧ୍ୟାପକ ଜ୍ୟୋତିରଞ୍ଜନ ଦାସ, ଅଧ୍ୟାପକ ଅଜୟ ମହାପାତ୍ର, ଦେବାଶିଷ ସାହୁ ଓ କ୍ରୀଡ଼ା ଅଧିକାରୀ ରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟ୍ ପରିଚାଳନା କରିଥିଲେ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ପ୍ୟାନେଲ ଅମ୍ପାୟର ପବିତ୍ର ପ୍ରଧାନ ଓ ବିଭୁ ଶତପଥୀ।